ଆମ ଦରକାରୀ ବୃକ୍ଷଲତା

କେ. ଏସ୍. ଶେଖରମ୍



Digitized by srujanika@gmail.com

1984 (ଶକାବ୍ଦ 1905)

ମୂଳ ତେଲୁଗୁ © କେ.ଏସ୍. ଶେଷରମ୍, 1982
ଓଡ଼ିଆ ଅନୁବାଦ © ନ୍ୟାସ ନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, 1984

OUR USEFUL PLANTS *(Oriya)*

National Book Trust India
REVISED PRICE Rs.5.00

Published by Director, National Book Trust, India
A-5, Green Park, New Delhi 110016
and printed at Allied Enterprises,
Friends Colony Industrial Area,
Shahdara, Delhi-110 032.

Digitized by srujanika@gmail.com

ନେହେରୁ ବାଳ ପୁସ୍ତକାଳୟ

ଆମ ଦରକାରୀ ବୃକ୍ଷଲତା

କେ.ଏସ୍. ଶେଖରମ୍

ଚିତ୍ର: ପୁଲକ ବିଶ୍ୱାସ

ଅନୁବାଦ: ନିରଞ୍ଜନ ପଣ୍ଡା

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

ନୂଆ ଦିଲ୍ଲୀ

Digitized by srujanika@gmail.com



Digitized by srujanika@gmail.com

ମାଆ, ବାପା, କୁନି ଭଇ,
ଟମି ଆଉ ମୁଁ,
ଏଇ ଆମ ପରିବାର ।

Digitized by srujanika@gmail.com

ସେ ଦିନ ଯେଉଁ ଚିଡିଆଖାନା ବୁଲି ଯାଇଥିଲେ
ତୁମର ମନେ ଅଛି ନା ?
ସେଠି ଟମିର ସାଥିମାନଙ୍କୁ ପରା ଭେଟିଲୁ,
ବାଘ, ମାଙ୍କଡ, ଚିତାବାଘ, ଜେବ୍ରା--
ଏମିତି କେତେ--
ସେମାନେ ସବୁ ଝରକା ଫାଙ୍କ ଦେଇ
ଆମ ଆଡକୁ ଚାହିଁଥିଲେ ।

Digitized by srujanika@gmail.com

Digitized by srujanika@gmail.com

ମୁଁ ଆମ ଘର ଝରକା ଦେଇ ବହୁ କିସମର
ଗଛ ଦେଖି ପାରୁଛି
ଆମ ଘର ପଛପଟେ ବହୁ ପ୍ରକାର ଚାରାଗଛ
ଏପରିକି ପିଜୁଳି ଗଛଟି ମଧ୍ୟ ଦିଶୁଛି ।
ମୋତେ କହିଥିଲେ ଯେ, ଛୋଟ ଗଛଗୁଡ଼ିକୁ
ଚାରାଗଛ କହନ୍ତି ।
ସେ ଚାରାଗଛ ଠିକ୍ ମୋ ଭଳି ।
ମୋ ବାପା କହନ୍ତି, ଯେଉଁଗୁଡ଼ିକ ବଡଗଛ
ସେଗୁଡ଼ିକ କୁଆଡେ ଠିକ୍ ତାଙ୍କ ଭଳି ।

Digitized by srujanika@gmail.com

ଗତବର୍ଷ ଆମେ ଯେଉଁ ଗୋଲାପ ଲଗାଇଥିଲୁ
ଦେଖ, ସେଥିରେ କେମିତି ସୁନ୍ଦର ଫୁଲଗୁଡିଏ ଫୁଟିଲାଣି ।
ଯେତେ ଥଣ୍ଡା ହେଲେ ବି ଫେବୃୟାରୀ ମାସ ଆଡକୁ
ଗେଣ୍ଡୁ ଫୁଲ ନିଶ୍ଚେ ଫୁଟିବ ।

ଆମ ବାଡ଼ିରେ ଆମ୍ବ ଗଛଟିଏ ଅଛି--
ମୁଁ ଛୋଟ ଛୁଆବେଳୁ ସେ ସେଠାରେ ଅଛି ।
ମୋତେ କହୁଥିଲେ ବାପା ଛୋଟ ଥିଲାବେଳେ
ମଧ୍ୟ ସେ ସେଠାରେ ଅଛି,
ମୁଁ ଜାଣେନି କେଉଁଦିନୁ ଗଛଟି ସେଠାରେ ଯେ ଅଛି ।
ଏପରିକି ମୋ ଜେଜେବାପାଙ୍କ ମନେ ନାହିଁ
ଗଛଟି କେବେ ଲଗାଯାଇଥିଲା ।
ଆମେ ଯେପରି ଛୋଟରୁ ବଡ ହେଉ,
ଠିକ୍ ସେପରି ଗୁଳ୍ମଗଛ, ବଡଗଛ ଆଉ ଟମି
ମଧ୍ୟ ବଢୁଛନ୍ତି ।

Digitized by srujanika@gmail.com

ସଭିଏଁ ଏପରି କାହିଁକି ବଢନ୍ତି
ପୁଣି ବଡ ଦେଖାଯାଆନ୍ତି ?
ଟମି, ଚିତାବାଘ, ବାଘ, ଗାଈ, ମଇଁଷି
ଆଉ ସେମାନଙ୍କ ଭଳି ଯେତେ ପଶୁ ଅଛନ୍ତି
ସେମାନଙ୍କୁ ସବୁ ବାଦ ଦେଲେ ବି
ଗୋଲାପ, ଗେଣ୍ଡୁ, ଚଂପା, ମାଳତୀ ଓ ଆମ୍ବ
ଆଉ ଯେତେ ଗୁଳ୍ମଗଛ, ବଡ଼ ଗଛ ଆମେ ଦେଖୁଛୁ
ସମସ୍ତଙ୍କ ଜୀବନ ଅଛି ।
ସେମାନେ ଠିକ୍ ଅନ୍ୟାନ୍ୟ ଜୀଅନ୍ତା ପ୍ରାଣୀ ଭଳି ।

Digitized by srujanika@gmail.com

ଆଉ ଯାହାର ଜୀବନ ଅଛି
ସେ ନିଶ୍ଚୟ ବଞ୍ଚିବାପାଇଁ ଖାଏ ।
ପୁଣି ଯେଉଁମାନେ ଖାଆନ୍ତି
ସେମାନେ ନିଶ୍ଚୟ ବଢ଼ନ୍ତି ।
ସେଥିପାଇଁ ମୁଁ ଯେତେବେଳେ
ଖାଇବାପାଇଁ ମନାକରେ ମାଆ ପରା କହନ୍ତି,
"ତୁ ଯଦି ନ ଖାଉ,
ତେବେ ମୋଟେ ବଢ଼ି ପାରିବୁ ନାହିଁ ।"

Digitized by srujanika@gmail.com

ଆମେ ସମସ୍ତେ ଏଣ୍ଡୁ ଖାଉ
ଆମ ଟମି ମଧ୍ୟ ଖାଏ ।
ଯେତେବେଳେ ତା'ଆଡକୁ କେହି ଚାହିଁ ନ ଥିବାର ଦେଖେ
ଆଃ, ବିଲେଇଟି ଚପଚପ୍ କରି
ଦୁଧଯାକ ସବୁ ପୋଛି ପିଇଦିଏ ।





Digitized by srujanika@gmail.com

ବାଘ ଆଉ ଚିତାବାଘ ମାଂସ ଖାଆନ୍ତି
(ଚିଡ଼ିଆଖାନାରେ ସେମାନଙ୍କୁ
ଖୁଆଯାଉଥିବାର ଆମେ ଦେଖୁ)

Digitized by srujanika@gmail.com

ଗୋଲାପ, ଗେଣ୍ଡୁ, ଚଂପା ପୁଣି
ଆମ୍ବ ଗଛର ମଧ୍ୟ ଜୀବନ ଅଛି ।
କ'ଣ କହୁଛ, ସେମାନଙ୍କର କ'ଣ ଜୀବନ ନାହିଁ ?
ସେମାନେ ତ ବଡ଼ରୁ ବଡ ହୋଇ ବଢନ୍ତି ।
କ'ଣ ଯେ ସେମାନେ ଖାଆନ୍ତି ?

Digitized by srujanika@gmail.com

ବୃଷଗଛ ବଢ଼ିବାପାଇଁ ମାଟି ଦରକାର କରେ
ସୂର୍ଯ୍ୟକିରଣ ଦରକାର କରେ
ପାଣି ବି ମଧ୍ୟ ଦରକାର ।

Digitized by srujanika@gmail.com

ମାଆ ଆମର ଅଟାରୁ ରୁଟି ତିଆରି କରନ୍ତି,
ଆମେ ଯେଉଁ ପନିପରିବା ଖାଉ
ସେଗୁଡ଼ିକ ପରିବା କ୍ଷେତରୁ ଆସେ ।
ଏଇ ରୁଟି ଆଉ ପରିବା ହେଉଛି ଆମର ଖାଦ୍ୟ ।
କିନ୍ତୁ ତୁମେ ଜାଣିଛ କି
ଗୋଲାପ, ଗେଣ୍ଡୁ, ଚଂପା, ଆମ୍ବ
ଆଉ ଯେତେ ପ୍ରକାର ଛୋଟଁ ବଡ଼ ଗଛ ଆମେ ଦେଖୁ
ସେମାନେ ତାଙ୍କ ନିଜ ଖାଦ୍ୟ ତିଆରି କରନ୍ତି ?

Digitized by srujanika@gmail.com



ଯେତେ ସବୁ ଗୁରାଗଛ ଆଉ ବଡଗଛ ଅଛନ୍ତି
ସମସ୍ତେ ମାଟିରୁ ପାଣି ଶୋଷନ୍ତି ।
ଠିକ୍ ଆମ ଭଳି ସେମାନେ ପୁଣି
ନିଶ୍ୱାସ ପ୍ରଶ୍ୱାସ ନିଅନ୍ତି ।
ଯେତେବେଳେ ସୂର୍ଯ୍ୟ କିରଣ ଗଛ ଉପରେ ପଡେ
ପତ୍ର ତାର ସବୁଜ ଅଂଶରେ ନିଜ ଖାଦ୍ୟ ତିଆରି କରେ ।
ପତ୍ରର ସବୁଜ ଅଂଶ ହିଁ ସେମାନଙ୍କ ଖାଦ୍ୟର
ଗଣ୍ଡା ଘର ।

Digitized by srujanika@gmail.com



ଗୋଲାପ, ଚଂପା, ଆମ୍ବ ଗଛ ସବୁ
କେବେହେଁ ଘର ଭିତରେ
କିମ୍ବା ରୋଷେଇ ଘରେ
ବଢନ୍ତି ନାହିଁ ।
କାହିଁକି ଏପରି ହୁଏ ଜାଣ ?

Digitized by srujanika@gmail.com

କାରଣ ଯଦି ତୁମେ ଗଛଗୁଡିକୁ ଓପାଡି ଦେବ
କିମ୍ବା ସେମାନଙ୍କୁ ସୂର୍ଯ୍ୟକିରଣ ଏବଂ
ବାୟୁଠାରୁ ଅଲଗା କରିଦେବ—
ସେମାନେ ସେମାନଙ୍କପାଇଁ ଖାଦ୍ୟ ତିଆରି
କରିପାରିବେ ନାହିଁ କିମ୍ବା ବଢ଼ିପାରିବେ ନାହିଁ ।
ସେମାନେ ନିସ୍ତେଜ ଶୁଖିଯିବେ,
ଶେଷରେ ମରିଯିବେ ।



Digitized by srujanika@gmail.com

ଗୋଟିଏ ବଡ ପରିବାର ପାଇଁ
ଆମେ ରୋଷେଇଘରେ ଖାଦ୍ୟ ତିଆରି କରୁ ।
ଆମ୍ବ ଗଛଟି ତ ଦେଖିବାକୁ ବଡ
ସେ ତା'ହେଲେ ତା' ଖାଦ୍ୟ କେଉଁଠି ତିଆରି କରେ ?
ପତ୍ରହିଁ ସବୁ ଗଛଗୁଡିକର ଖାଦ୍ୟ ତିଆରି କରେ ।
ସବୁ ଗଛର ରୋଷେଇ ଘର ହେଉଛି
ସେମାନଙ୍କ ପତ୍ର ।
ସେଠାରେ ସେମାନଙ୍କର ଖାଦ୍ୟ ତିଆରି ହୁଏ ।

Digitized by srujanika@gmail.com

ଯେଉଁ ଗଛର ଅଧିକ ପତ୍ରଥାଏ
ସେ ଅଧିକ ଖାଦ୍ୟ ତିଆରି କରେ ।
ଯେଉଁ ଗଛ ଯେତେ ବଡ
ସେ ସେତେ ଅଧିକ ଖାଦ୍ୟ ଦରକାର କରେ ।
ତେଣୁ ଯେଉଁ ଗଛ ଯେତେ ବଡ
ତାର ସେତେ ଅଧିକ ପତ୍ର ଥାଏ ।
ଗଛରୁ ପତ୍ର ଛିଣ୍ଡାଇଲେ ଗଛ ଆଉ
ବଢେ ନାହିଁ ।
କିନ୍ତୁ ମାଳି କହେ, ଗଛର ଅଗଗୁଡ଼ିକ
ସମସ୍ତ ସମୟରେ ସାବଧାନ ହୋଇ କାଟିଦେଲେ
ଗଛ ଭରି ବର୍ଦ୍ଧିଆ ବଢେ ।

Digitized by srujanika@gmail.com

ମାଆ ଯେତେବେଳେ ଆମକୁ ମଟରଭଜା ଖାଇବାକୁ ଦିଅନ୍ତି
ସେଥିରୁ ଆମେ କିଛି ଖାଉ
ବାକିତକ ପରେ ଖାଇବାପାଇଁ ପକେଟରେ ରଖୁ ।
ଠିକ୍ ସେହିପରି ଗଛ ତାର ଯେତିକି
ଦରକାର ସେତକ ଖାଦ୍ୟ ଖାଇସାରିଲା ପରେ
ବଳକାତକ ଅନ୍ୟ ସମୟପାଇଁ
ସଂଚୟ କରି ରଖେ ।

Digitized by srujanika@gmail.com



କେତେ ଛୋଟ ଗଛ
ସେମାନଙ୍କ ବଳକା ଖାଦ୍ୟ
ମାଟିତଳେ ସଞ୍ଚୟ କରି ରଖନ୍ତି,
ମୂଳା, ଆଳୁ, ଚିନା ବାଦାମ ପ୍ରଭୃତି
ଠିକ୍ ଏପରି ଭାବରେ ରଖନ୍ତି ।
(ମୁଁ ତୁମକୁ ଏକ ଗୁପ୍ତ କଥା କହିବି–
ଆମ ଜେଜେବାପା ଠିକ୍ ଯେମିତି ତାଙ୍କ
ସିନ୍ଦୁକରେ ଟଙ୍କାତକ ସାଇତି ରଖିଥାନ୍ତି)

Digitized by srujanika@gmail.com

କେତେକ ଗଛ ଅଛନ୍ତି
ସେମାନେ ତାଙ୍କ ବଳକା ଖାଦ୍ୟ
ନ ଆଣି ପାରିଲା ଭଳି ଜାଗାରେ ମଧ୍ୟ ରଖନ୍ତି ।
(ମାଆ ଯେତେବେଳେ ଲଡ଼ୁ ତିଆରି କରନ୍ତି
ସେ ଠିକ୍ ଆମେ ନ ଆଣି ପାରିଲା ଭଳି
ଉଚ୍ଚ ଜାଗାରେ ସାଇତିଥାନ୍ତି)

Digitized by srujanika@gmail.com

ଆମକୁ ଯେତେବେଳେ ଭୋକ କରେ
ଆମେ ସେମାନଙ୍କ ଖାଦ୍ୟ ସଂଗ୍ରହ କରୁ
ଏବଂ ଖାଉ ।
ଆମ ଭଳି ଜୀବଜନ୍ତୁମାନେ ମଧ୍ୟ
ଠିକ୍ ସେପରି କରନ୍ତି ।
ଛେଳି ଗଛର ଅଗପତ୍ର ଛିଣ୍ଡାଇ ଖାଏ
ଗାଈ ମଇଁଷି ଘାସ ଚୋବାଇ ଖାଆନ୍ତି
ହାତୀ ଗଛର ଡାଳପତ୍ର ସବୁ ମୋଡ଼ି ଗିଳିପକାଏ ।
ଆଉ ହରିଣ ଗଛଲତା ବିନା
କେବେହେଁ ବଞ୍ଚିପାରେ ନାହିଁ ।

Digitized by srujanika@gmail.com

ଯଦି ହରିଣ ନଥାନ୍ତେ
ତେବେ ଚିତାବାଘ ଆଉ ବାଘ ସହଜେ
ବଞ୍ଚିପାରନ୍ତେ ନାହିଁ ।
ଅନ୍ୟ ପ୍ରକାରେ କହିବାକୁ ଗଲେ
ମାଂସ ଖାଉବା ପ୍ରାଣୀମାନେ ଉଦ୍ଭିଦ ଉପରେ
ନିର୍ଭର କରି ବଞ୍ଚନ୍ତି ।
ଆମର ସଂକ୍ଷେପରେ
ଏହି ପ୍ରାର୍ଥନା:
"ହେ ଉଦ୍ଭିଦ ଜଗତ,
ତୁମେ ବହୁଦିନ ଧରି ବଞ୍ଚ
ସବୁଜ ରଙ୍ଗରେ ଗ୍ଭରିଆଡ ଚହଟି ଉଠ ।"

Digitized by srujanika@gmail.com

ପ୍ରତ୍ୟେକ ଦିନ ଆମେ ଗହମ ଅଟା
ତିଆରି ରୁଟି ଖାଉ ।
କିନ୍ତୁ ଆମେ ନିଜେ ଗହମ ତିଆରି କରିପାରୁ ନାହୁଁ ।
ଭେଣ୍ଡି, ବାଇଗଣ, କଲରା ଆଦି ନିଜର ଖାଦ୍ୟ
ତିଆରି କରନ୍ତି
ସେହି ପନିପରିବା ଆମେ ଖାଉ ।
ଉଦ୍ଭିଦଗୁଡ଼ିକ ବିଚରା ଏତେ କଷ୍ଟରେ ସେମାନଙ୍କ ପାଇ
ଯେଉଁ ଖାଦ୍ୟ ତିଆରି କରନ୍ତି
ସେ ସମସ୍ତ ଆମେ ଆଣି ରାନ୍ଧି ଖାଉ ।
ପଶୁମାନେ ତ ରୋଷେଇ କରିପାରନ୍ତି ନାହିଁ
ସେମାନେ ତେଣୁ କଞ୍ଚା ଖାଆନ୍ତି ।

Digitized by srujanika@gmail.com

ପୃଥିବୀରେ ଯେଉଁମାନେ ବାସ କରନ୍ତି
ସେମାନଙ୍କ ମଧ୍ୟରୁ କେବଳ ବୃକ୍ଷଲତା
ନିଜର ଖାଦ୍ୟ ତିଆରି କରନ୍ତି ।
ଆମେ କେବେହେଲେ ପାଣି, ପବନ
ଆଉ ସୂର୍ଯ୍ୟକିରଣରୁ ଖାଦ୍ୟ ତିଆରି କରିପାରିବା ନାହିଁ
ନା ପଶୁମାନେ ବି କରି ପାରିବେ ।
ଏହାର କାରଣ ଖୁବ୍ ସହଜ
ପତ୍ରରେ ଯେଉଁ ସବୁଜ ଅଂଶ ଅଛି
ସେଥିରେ ବୃକ୍ଷଲତା ଖାଦ୍ୟ ତିଆରି କରନ୍ତି,
ଏହା ଆମ ପାଖରେ ନାହିଁ ।
ବୃକ୍ଷଲତା ତେଣୁ ଯେଉଁ ଖାଦ୍ୟ ତିଆରି କରନ୍ତି
ସେଗୁଡିକ ରାନ୍ଧିବାପାଇଁ ଆମେ ଆଣୁ
ଏବଂ ଖାଉ ।
ପଶୁମାନେ କିନ୍ତୁ କଞ୍ଚା ଖାଆନ୍ତି ।

Digitized by srujanika@gmail.com

Digitized by srujanika@gmail.com

"ସବୁଜ ଜଗତ ବିନା ପୃଥିବୀରେ
ଜୀବନ ଧାରଣ କରିବା ସମ୍ଭବ ହୋଇ ପାରନ୍ତା ନାହିଁ
ଆମ୍ଭେମାନେ ମଧ୍ୟ ଏଠାରେ ବଞ୍ଚି ନ ଥାନ୍ତୁ ।
ଆମେ ଯଦି ସୁଖରେ ବାସ କରିବାକୁ ଚାହୁଁ
ତେବେ ଆମକୁ ନିଶ୍ଚେ ବୃକ୍ଷଲତା ଲଗାଇବାକୁ ପଡିବ

Digitized by srujanika@gmail.com

ସବୁଜ ଦୃଶ୍ୟଗୁଡ଼ିକ ହେଉଛି ବୃକ୍ଷଜଗତର ଦାନ ।
ସେଗୁଡ଼ିକ ଦେଖିବାକୁ ଖୁବ୍ ସୁନ୍ଦର ।
ଏହା ଛଡ଼ା ସେମାନେ ଆମକୁ ଛାୟାଦାନ କରନ୍ତି ।

Digitized by srujanika@gmail.com

ଚାଲ ଆମେ ଏକ ମନରେ କହିବା—
ବୃକ୍ଷଲତାଗୁଡିକ ଛୋଟ ହୁଅନ୍ତୁ ବା ବଡ ହୁଅନ୍ତୁ
ସେମାନେ ସବୁ ଆମ୍ଭମାନଙ୍କ ଏକ ଅଂଶ
ଆଉ ଆମ୍ଭେମାନେ ମଧ୍ୟ ସେମାନଙ୍କର ଏକ ଅଂଶ ।

Digitized by srujanika@gmail.com

ତେଣୁ ଆମେ କ୍ଷେତରେ
ଧାନ, ଗହମ ଆଦି ଶସ୍ୟ ବୁଣୁ,
ଆମେ ପୁଣି ପିଜୁଳି, ଆମ୍ବ, ଅଙ୍ଗୁର ଗଛ
ଆମ ବଗିଚାରେ ଲଗାଉ,
ଆଉ ଭେଣ୍ଡି, ବାଇଗଣ, କଲରା ଆଦି
ପନିପରିବା ମଧ୍ୟ ବାଡ଼ିରେ ଲଗାଉ ।

Digitized by srujanika@gmail.com

Digitized by srujanika@gmail.com



National Book Trust, India
REVISED PRICE Rs.5.00

Digitized by srujanika@gmail.com